ଯାଜପୁର ଜିଲ୍ଲାରେ "ରେଡକ୍ରସ ଛକ ଠାରୁ ଟିଭିଏସ ସୋରୁମ ଭାୟା ମହାବୀର ଛକ ୦/୦୦୦ କିମି ରୁ ୧/୩୫୦ କିମି ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ" ନିମନ୍ତେ ସାମାଜିକ ଆବଶ୍ୟକ ବେସରକାରୀ ଜମି ଅଧିଗ୍ରହଣ ର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମ୍ବନ୍ଧ, ତା. ୨୪. ୦୬.୨୦୨୪ରିଖରେ ଅନୁଷ୍ଠିତ ବିଶେଷଜ୍ଞ କମିଟି ବୈଠକର ବିବରଣୀ ।

ଯାଜପୁରରେ ସହରରେ "ରେଡକ୍ରସ ଛକ ଠାରୁ ଟିଭିଏସ ସୋରୁମ ଭାୟା ମହାବୀର ଛକ ୦/୦୦୦ କିମି ରୁ ୧/୩୫୦ କିମି ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ" ନିମନ୍ତେ ଯାଜପୁର ତହସିଲ ଅନ୍ତର୍ଗତ ୟୁନିଟ୍ -୬ ଗୋବିନ୍ଦ ଜିଉ ନଗର, ୟୁନିଟ୍ -୭ ଶୀତଳେଶ୍ୱର ପ୍ରସ୍ତାବିତ ହୋଇଥିବା ଜମି ଅଧିଗ୍ରହଣ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ମୂଲ୍ୟାଙ୍କନ ପାଇଁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁର ଙ୍କ ଅଧକ୍ଷତାରେ ବିଶେଷଜ୍ଞ କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ତା. ୨୪. ୦୬.୨୦୨୪ରିଖ ପୂର୍ବାହ୍ନ ଘ.୧୧: ୦୦.ରେ ଏକ ଆଲୋଚନା ସଭା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଙ୍କ ପ୍ରକୋଷ୍ଠ ରେ ଅନୁଷ୍ଠିତ ହୋଇଥିଲା ।

ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଯାଜପୁର, ବିଶେଷଜ୍ଞ କମିଟିର ସମସ୍ତ ସଦସ୍ୟ ଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଆବଶ୍ୟକ ହେଉଥିବା ଭୂମି ଅଧିଗ୍ରହଣ ଓ ଉଚିତ ପ୍ରାପ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ପ୍ରଚଳିତ ଆଇନ-୨୦୧୩ **(RFCTLAR&R Act-2013)** ଓ ଓଡିଶା ସରକାରଙ୍କ ଅଧିନିୟମ ନିୟମାବଳୀ-୨୦୧୬ **(ORFCTLAR&R Rules-2016)** ଅନୁଯାୟୀ ପ୍ରସ୍ତାବିତ ପ୍ରକଳ୍ପର ଆବଶ୍ୟକତା ଓ ସାମିଜିକ ପ୍ରଭାବ ଆକଳନ ଅଧ୍ୟୟନର ସାରମର୍ମ ଆଲୋଚନା କରିବା ସହିତ ଉପସ୍ଥିତ ଥିବା ବିଶେଷଜ୍ଞ ଓ ଅନ୍ୟ ସଦସ୍ୟମାନଙ୍କ ଠାରୁ ଉକ୍ତ ପ୍ରକଳ୍ପ ସମ୍ବନ୍ଧରେ ନିଜର ମତାମତ ଉପସ୍ଥାପନ କରିବାକୁ ଅନୁରୋଧ କରିଥିଲେ । କମିଟିର ସଦସ୍ୟବୃନ୍ଦ ସାମାଜିକ ପ୍ରଭାବ ଆକଳନର ଚୂଡାନ୍ତ ବିବରଣୀକୁ ତର୍ଜମା କରି ନିମ୍ନୋକ୍ତ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ।

(୧) ଯାଜପୁର ଜିଲ୍ଲାରେ ଅର୍ଥନୈତିକ ବିକାଶ ଓ ଅଭିବୃଦ୍ଧି ନିମନ୍ତେ ରାସ୍ତା ଉନ୍ନତିକରଣର ଆବଶ୍ୟକତା ରହିଅଛି ।

(୨) ସହରର ଜନସଂଖ୍ୟାର ଘନତ୍ୱ ଦୃଷ୍ଟିରୁ ଉକ୍ତ ସହର ରାସ୍ତା ଗୁଡିକର ସଂପ୍ରସାରଣ ହେବାର ଆବଶ୍ୟକତା ରହିଅଛି ।

(୩)ସଂକୀର୍ଣ୍ଣ ରାସ୍ତା ଯୋଗୁ ବହୁସ୍ଥାନରେ ଯାନବାହାନ ଭିଡ ଓ ଦୁର୍ଘଟଣା ଇତ୍ୟାଦି ଘଟୁଛି ଏଣୁ ରାସ୍ତାଘାଟର ଚଉଡା ଓ ଉନ୍ନତିକରଣକୁ ବର୍ତମାନ ପ୍ରାଧାନ୍ୟ ଦିଆଯାଉଛି ।

(୪)ଏହି ପ୍ରକଳ୍ପ ଦ୍ୱାରା ଜିଲ୍ଲାରେ ଅର୍ଥନୈତିକ ଉନ୍ନତି ସହ ସଡକ ନେଟୱାର୍କ ଓ ଉନ୍ନତ ପରିବହନ ବ୍ୟବସ୍ଥା ଉପଲବ୍ଧ ହୋଇ ପାରିବ ।

(୫) କ୍ଷତିଗ୍ରସ୍ତ ଜମିମାଲିକ ମାନେ କିପରି ବିନା ଅସୁବିଧାର ସମ୍ମୁଖୀନ ହୋଇ କ୍ଷତିପୂରଣ ରାଶି ପାଇପାରିବେ ତାହା ବୈଠକରେ ଆଲୋଚନା ହେଲା

(୬)ପ୍ରକଳ୍ପ ଯୋଗୁଁ ଗମନାଗମନର ସୁବିଧା ହେଲେ ଯାନବାହାନ ଯାତାୟାତ ହେବ ଏବଂ ଏହା ଦ୍ୱାରା ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି ହୋଇପାରିବ

(୭)କ୍ଷତିଗ୍ରସ୍ତ ହେଉଥିବା ଜମିମାଲିକମାନଙ୍କର ଅଭିଯୋଗ ଗୁଡିକର ଶୁଣାଣୀ କିପରି ସଠିକ ଓ ତ୍ୱରିତ ଭାବରେ ହୋଇପାରିବ ଏଥିନେଇ ବୈଠକ ରେ ଆଲୋଚନା କରାଗଲା

(୮)ଜନସାଧାରଣଙ୍କର ସାମାଜିକ, ଅର୍ଥନୈତିକ ମାନଦଣ୍ଡର ବିକାଶ ପାଇଁ ଉକ୍ତ ପ୍ରକଳ୍ପ ସହାୟକ ହେବ ବୋଲି ଆଶା କରାଯାଉଅଛି ।

ଯାଜପୁରର ଉପରୋକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ପାରିଲେ ସାମୁହିକ ଉନ୍ନତି ସମ୍ଭବ ହୋଇପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିବା ସଙ୍ଗେ ସଙ୍ଗେ ପ୍ରକଳ୍ପ କାର୍ଯ୍ୟ ପାଇଁ ସହମତି ପ୍ରକାଶ କରନ୍ତି ।

ସର୍ବଶେଷରେ ଆବାହକ-ତଥା-ଉପଜିଲ୍ଲାପାଳ, ଯାଜପୁର ଉପସ୍ଥିତ ଥିବା ସମସ୍ତ ସଦସ୍ୟ ମାନଙ୍କୁ ଧନ୍ୟବାଦ ଦେବା ସହିତ ସଭାସାଙ୍ଗ କରାଯାଇଥିଲା ।

22-6-24

ଅଧକ୍ଷ-ତଥା-ଅତିରିକ୍ତ ଜିଲ୍ଲାପାଳ,(ରାଜସ୍ୱ)
ଯାଜପୁର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## (ଭୂ-ଅର୍ଜନ (ସିଭିଲ) ଉପ-ବିଭାଗ)
## ବିଜ୍ଞାପନ

ସଂଖ୍ୟା ୭୪୨୧ ତା. ୨୩.୦୭.୨୦୨୪

ଭୂ-ଅର୍ଜନ ପୁର୍ନବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଛତା ଅଧିକାର ଆଇନ-୨୦୧୩ ଧାରା ୭ ର ଉପଧାରା ୧ ମୁତାବକ "ରେଡକ୍ରସ ଛକ ଠାରୁ ଟିଭିଏସ ସୋରୁମ ଭାୟା ମହାବୀର ଛକ ୦/୦୦୦ କିମି ରୁ ୧/୩୫୦ କିମି ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ " ପ୍ରକଳ୍ପ, ଯାଜପୁର ଜିଲ୍ଲା ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀ ମୂଲ୍ୟାଙ୍କନ ନିମିତ ଗଠିତ ସ୍ୱତନ୍ତ୍ର ବହୁ ଶୃଙ୍ଖଳୀୟ ବିଶେଷଜ୍ଞ ଗୋଷ୍ଠୀର ତା.୨୪.୦୭.୨୦୨୪ରିଖି ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ବିବରଣୀ ଓ ସୁପାରିସ ସମ୍ପର୍କୀୟ ବିଜ୍ଞାପନ ଓଡିଶା ଭୂ-ଅର୍ଜନ ପୁର୍ନବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଛତା ଅଧିକାର ନିୟମ, ୨୦୧୬ ର ଧାରା ୧୬ ମୁତାବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥି ସହିତ ସଲଗ୍ନ କରାଯାଇ ପ୍ରକାଶ କରାଗଲା । ଏହି ବିଜ୍ଞପ୍ତି ଓଡିଶା ରାଜ୍ୟ ସରକାର ଏବଂ ଯାଜପୁର ଜିଲ୍ଲାପାଳଙ୍କ ୱେବ୍ ସାଇଟ୍‌ରେ ଉପଲବ୍ଧ ହେବ ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୭୪୨୨ ତା. ୨୩.୦୭.୨୦୨୪

ଏହାର ଏକକିତା ନକଲ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୭୪୨୩ ତା. ୨୩.୦୭.୨୦୨୪

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଯାଜପୁର/ ଭୂ-ଅର୍ଜନ ଅଧିକାରୀ(ସିଭିଲ), ଯାଜପୁର/ ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଜନ, ପାଣିକୋଇଲି/ ତହସିଲଦାର, ଯାଜପୁର/ ନିର୍ବାହୀ ଅଧିକାରୀ, ଯାଜପୁର ପୌରପାଳିକା ଙ୍କ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଭୂ-ଅର୍ଜନ ଅଧିକାରୀ(ସିଭିଲ), ଯାଜପୁରଙ୍କୁ ବିଜ୍ଞାପନର ନକଲ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନର ଗୋଟିଏ ନକଲ ୟୁନିଟ୍ -୬ ଗୋବିନ୍ଦ ଜିଉ ନଗର, ୟୁନିଟ୍ -୭ ଶୀତଳେଶ୍ୱର ମୌଜାର ଅନ୍ତତଃ ଦୁଇଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ସାର୍ବଜନୀନ ସ୍ଥଳୀରେ ପ୍ରକାଶନ କରିବେ ଏବଂ ଜିଲ୍ଲାପାଳ, ଯାଜପୁରଙ୍କ ୱେବ୍ ସାଇଟ୍‌ରେ ଉପଲବ୍ଧ କରାଇବାପାଇଁ ନିର୍ଦ୍ଦେଶ ଦିଆଗଲା ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୭୪୨୪ ତା. ୨୩.୦୭.୨୦୨୪

ଏହାର ଏକକିତା ନକଲ ଯୁଗ୍ମ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା/ ଯୁଗ୍ମ ଶାସନ ସଚିବ, ପୂର୍ତ୍ତ ବିଭାଗ, ଓଡିଶା / ଯୁଗ୍ମ ଶାସନ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଙ୍କ କାର୍ଯ୍ୟାଳୟ କଟକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଓଡିଶା ସରକାରଙ୍କ ୱେବ୍ ସାଇଟ୍‌ରେ ପ୍ରକାଶନ କରିବାପାଇଁ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୬୫୨୬ ତା. ୨୩.୦୭.୨୦୨୪

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ ନୋଟିସ୍ ବୋର୍ଡ / ଜିଲ୍ଲା ସୂଚନା ଓ ବିଜ୍ଞାନ ଅଧିକାରୀ, ଯାଜପୁର କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନ ଜିଲ୍ଲାପାଳ, ଯାଜପୁର ୱେବ୍ ସାଇଟ୍‌ରେ ତୁରନ୍ତ ପ୍ରକାଶନ କରିବେ ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର